## ସଂକ୍ଷେପରେ

### ଦକ୍ଷତା ବୃଦ୍ଧି ତାଲିମ

**ଛେଣ୍ଡିପଦା, ୬।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ପଞ୍ଚାୟତ ତେବୁଡ଼ୁଠାରେ ଗୁରୁବାର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଓ ସମ୍ବନ୍ଧ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ଅନୁଗୋଳ ଜିଲା ନାବାର୍ଡର ମୁଖ୍ୟ ଶରତ କୁମାର ବେହେରା, ବାଗଡିଆ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୀପ କୁମାର ପ୍ରଧାନ, ପାଟକୁମୁଣ୍ଡା ସରପଞ୍ଚ ଡିଲେଶ୍ୱର ସ୍ୱାଇଁ, ସମିତିସଭ୍ୟ କାଶୀନାଥ ସାହୁ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। 'ସମ୍ବନ୍ଧ' ସଂଯୋଜକ ରଣଜିତ ନାୟକ ଉପସ୍ଥିତ ଥିଲେ। ତାଲିମଦାତା ମନୋଜ କୁମାର ସ୍ୱାଇଁ ସ୍ୱୟଂସହାୟକ ଗୋଷ୍ଠୀର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ।

### ଅନୁଗୋଳରୁ ୭୮ ପଜିଟିଭ୍

**ଅନୁଗୋଳ ଅଫିସ, ୬।୧୧:** ଅନୁଗୋଳ ଜିଲାରୁ ଶୁକ୍ରବାର ୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯,୪୬୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୯ ଜଣ, ବଣ୍ଡଁରପାଳରୁ ୧୮, ତାଳଚେର ବ୍ଲକରୁ ୧୪ ଓ ପୌରପାଳିକାରୁ ୪, ଅନୁଗୋଳ ପୌରପାଳିକାରୁ ୫ ଓ ଅନୁଗୋଳ ବ୍ଲକରୁ ୪, ଆଠମଲ୍ଲିକ ବ୍ଲକରୁ ୪ ଓ ଆଠମଲ୍ଲିକ ଏନ୍ଏସିରୁ ୪ ଜଣ, ପାଲଲହଡ଼ାରୁ ୪ ଓ ଛେଣ୍ଡିପଦା ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୮୩ ଜଣ ସୁସ୍ଥ ହୋଇଛନ୍ତି।

### ପାଉଁଶ ଟ୍ରକ୍‌ରୁ ଜରିମାନା ଆଦାୟ

**କଣିହାଁ, ୬।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ପୋଲିସ ପାଉଁଶ ପରିବହନ କରୁଥିବା ୪ଟି ଟ୍ରକ୍‌ରୁ ଜରିମାନା ଆଦାୟ କରିଛି। ସମଲ ଥାନା ଆଇଆଇସି ଚାରୁଲତା ବେହେରା କହିଛନ୍ତି, ଏନ୍‌ଟିପିସି ପ୍ରକଳ୍ପରୁ ଟ୍ରକ୍ ଓ ଭାରିଯାନ ଯୋଗେ ପାଉଁଶ ପରିବହନ ହେଉଛି। ତେବେ କେତେଜଣ ଟ୍ରକ୍ ଚାଳକ ଅନୁମତି ପାଇଥିବା ରାସ୍ତାରେ ନ ଯାଇ ବାରଣ ହୋଇଥିବା ରାସ୍ତାରେ ପାଉଁଶ ପରିବହନ କରୁଛନ୍ତି। ସୂଚନା ମିଳିବା ପରେ ଗୁରୁବାର ସମଲ ବ୍ୟାରେଜ ନିକଟରୁ ୪ଟି ପାଉଁଶ ବୋଝେଇ ଟ୍ରକ୍‌ରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ମେଢ଼ ଉପରେ ପେଚା



**ଢେଙ୍କାନାଳ ଅଫିସ, ୬।୧୧:** ଢେଙ୍କାନାଳ ଗାନ୍ଧୀ ବଜାର ପୂଜା ପ୍ରତିଷ୍ଠାନରେ ମା' ଲକ୍ଷ୍ମୀଙ୍କ ମେଢ଼ ଉପରେ ଗୁରୁବାର ଏକ ପେଚା ବସି ରହିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ହଠାତ୍ ପେଚାଟି ଆସି ମେଢ଼ ଉପରେ ବସି ରହିଥିଲା। ମଣ୍ଡପ ଛାଡ଼ି ପେଚାଟି କୁଆଡ଼େ ଯାଇ ନ ଥିଲା। ପୂଜକ ପ୍ରକାଶ କୁମାର ପାଣିଗ୍ରାହୀ ପୂଜା କରୁଥିବା ବେଳେ ଏହି ଘଟଣା ଘଟିଥିଲା। ପେଚାକୁ ଦେଖିବା ପାଇଁ ସହରର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସମାଗମ ହୋଇଥିଲା।

### ବାହାରିଲେ ୨୮ ପଜିଟିଭ୍

**ଢେଙ୍କାନାଳ ଅଫିସ, ୬।୧୧:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୨୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଚିକିତ୍ସା ପରେ ୪୧ଜଣ ଆରୋଗ୍ୟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ୫୨୬୮ ଜଣ ସଂକ୍ରମିତ ହୋଇଥିବା ବେଳେ ୪୯୪୭ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୪, କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିର ୬, ଗଁଦିଆ ବ୍ଲକର ୬, ପରଜଙ୍ଗ ବ୍ଲକର ୩, ଓଡ଼ାପଡ଼ା ବ୍ଲକର ୩, ଭୁବନ ବ୍ଲକର ୨, ହିନ୍ଦୋଳ ବ୍ଲକର ୨, ସଦର ବ୍ଲକର ୧ ଏବଂ କଙ୍କଡ଼ାହାଡ଼ ବ୍ଲକର ଜଣେ ଅଛନ୍ତି। ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### କୃଷିନୀତି ସଚେତନତା କାର୍ଯ୍ୟକ୍ରମ

**ସାତମାଇଲ, ୬।୧୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକରେ ଉପଖଣ୍ଡ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ନୂତନ କୃଷିନୀତି-୨୦୨୦ର ଉପକାରିତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୬ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ଜନହିତକର ଯୋଜନା ଦ୍ୱାରା ଚାଷୀମାନେ କିପରି ଉପକୃତ ହୋଇପାରିବେ ସେ ସଂକ୍ରାନ୍ତରେ କୋଭିଡ୍ ନିୟମ ପାଳନପୂର୍ବକ ପ୍ରୋଜେକ୍ଟର ମାଧ୍ୟମରେ ସଚେତନ କରାଯାଉଛି।

# ୩ ଦିନ ଖୋଲା, ୩ ଦିନ ତାଲା

**ଅନୁଗୋଳ ଅଫିସ, ୬।୧୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଅଲଟ୍ରାସାଉଣ୍ଡ ପାଇଁ ଆବଶ୍ୟକ ଡାକ୍ତର ନାହାନ୍ତି। ଫଳରେ ମାସେ ହେଲା ଅଲଟ୍ରାସାଉଣ୍ଡ ସେବା ବନ୍ଦ ରହିଥିଲା। ଏବେ ଛେଣ୍ଡିପଦାରୁ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ଅଣାଯିବା ପରେ ଗତ ଗୁରୁବାରଠାରୁ ରୋଗୀଙ୍କ ଅଲଟ୍ରାସାଉଣ୍ଡ ଆରମ୍ଭ ହୋଇଛି। ପୂର୍ବରୁ ସପ୍ତାହରେ ୬ ଦିନ ଏହି ସେବା ଯୋଗାଇ ଦିଆଯାଉଥିବା ବେଳେ ଏବେ ମାତ୍ର ୩ ଦିନ ଅଲଟ୍ରାସାଉଣ୍ଡ କରାଯିବ। ବାକି ୩ ଦିନ ଉକ୍ତ ପ୍ରକୋଷ୍ଠରେ ତାଲା ଝୁଲାଯିବ।

ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନାମୂଲ୍ୟରେ ଏହି ସେବା ମିଳୁଥିବାରୁ ଦୈନିକ ୨୫ରୁ ୩୦ ଜଣ ଅଲଟ୍ରାସାଉଣ୍ଡ ପାଇଁ ଆସିଥାନ୍ତି। ଏମାନଙ୍କ ମଧ୍ୟରେ ଗର୍ଭବତୀଙ୍କ ସଂଖ୍ୟା ଅଧିକ ଥାଏ। ଘରୋଇ ହସ୍ପିଟାଲ କିମ୍ବା କ୍ଲିନିକ୍‌ରେ ଏଥିପାଇଁ ୭ଶହରୁ ୮ଶହ ଟଙ୍କା ପଡୁଥିବାରୁ ପ୍ରାୟତଃ ଗର୍ଭବତୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପସନ୍ଦ କରିଥାନ୍ତି। କିଛି ମାସ ପୂର୍ବରୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୪ ଜଣ ଡାକ୍ତର ଥିଲେ। ସେମାନଙ୍କ ମଧ୍ୟରୁ ଡା. ଶ୍ୟାମ ପ୍ରସାଦ ଦାଶ ଓ ଡା. ସୁଜାତା ଦାଶ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରୁଥିଲେ। ହେଲେ କରୋନାରେ ଡା. ଶ୍ୟାମପ୍ରସାଦଙ୍କ ମୃତ୍ୟୁ ହେବା ପରେ ତାଙ୍କ ସ୍ଥାନରେ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଗଲା ନାହିଁ।



ବନ୍ଦ ରହିଥିବା ଅଲଟ୍ରାସାଉଣ୍ଡ ପ୍ରକୋଷ୍ଠ।

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ
- ମାସେ ବନ୍ଦ ରହିବା ପରେ ଅଲଟ୍ରାସାଉଣ୍ଡ ଆରମ୍ଭ
- ପୂର୍ବରୁ ସପ୍ତାହରେ ୬ ଦିନ ରୋଗୀଙ୍କୁ ମିଳୁଥିଲା ସେବା

ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁ ଡାକ୍ତର ସୁଜାତା ଦାଶ ମଧ୍ୟ ଅଲଟ୍ରାସାଉଣ୍ଡ ବନ୍ଦ କରିଦେଇଥିଲେ। ଏହାପରେ ଅକ୍ଟୋବର ୭ ତାରିଖରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସେବା ବନ୍ଦ ରହିଥିଲା। ନୂଆ ଡାକ୍ତର ନିଯୁକ୍ତି କରାଯାଇ ନ ଥିବାରୁ କେବେ ପ୍ରକୋଷ୍ଠରୁ ତାଲା ଖୋଲିବ ସେ ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଉତ୍ତର ନ ଥିଲା। ଅନ୍ୟପକ୍ଷରେ ସରକାରୀ ଅଲଟ୍ରାସାଉଣ୍ଡ ବନ୍ଦ ରହିବା ଜାଣି ରୋଗୀମାନେ ବାଧହୋଇ ବେସରକାରୀ ହସ୍ପିଟାଲ ମୁହାଁ ହୋଇ ଖର୍ଚ୍ଚାନ୍ତରେ ପଡ଼ିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡାକ୍ତର ଶ୍ୟାମପ୍ରସାଦଙ୍କ ମୃତ୍ୟୁ ପରେ କମ୍ ଡାକ୍ତରରେ ସେବା ଯୋଗାଇବା ଅସମ୍ଭବ ହୋଇପଡ଼ିଥିଲା। ଡିଏମ୍ଏଫ୍ ପାଣ୍ଠିରୁ ୨ ଜଣ ଡାକ୍ତର ନିୟୋଜିତ କରିବାକୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଜଣେ ଡାକ୍ତର ଡେପୁଟେଶନରେ ଆସିବା ପରେ ଏହା ଆରମ୍ଭ ହୋଇଥିଲେ ବି ସବୁଦିନେ ସେବା ଯୋଗାଇବା ସମ୍ଭବ ନୁହେଁ। ତେଣୁ ନୂଆ ଡାକ୍ତର ନିଯୁକ୍ତ ହେବା ପରେ ପୂର୍ବପରି ସପ୍ତାହକୁ ୬ ଦିନ ଅଲଟ୍ରାସାଉଣ୍ଡ କରାଯାଇପାରିବ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

### ସ୍ଥାୟୀ ପ୍ରତିକାର କରାଯାଉ



ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ କାରଣରୁ ରୋଗୀମାନେ ଅନେକ ସମୟରେ ସରକାରୀ ସେବାରୁ ବଞ୍ଚିତ ରହୁଛନ୍ତି। ୧୮ ଲକ୍ଷ ଟଙ୍କାର ଅଲଟ୍ରାସାଉଣ୍ଡ ମେଶିନ ଥାଇ ମଧ୍ୟ ଲାଭ ମିଳୁନି। ଅନେକ ବେସରକାରୀ ହସ୍ପିଟାଲ ରୋଗୀଙ୍କୁ ଶୋଷଣ କରୁଥିବାରୁ ଏହାର ସ୍ଥାୟୀ ପ୍ରତିକାର କରାଯାଉ।

**-ସରିତା ମିଶ୍ର, ଅନୁଗୋଳ**

### ପାଣ୍ଠି ଥାଇ ସେବାରେ ଅବହେଳା



ଅନୁଗୋଳ ଜିଲାର ଉନ୍ନତି ପାଇଁ ଅର୍ଥର ଅଭାବ ନାହିଁ ବୋଲି ବିଭିନ୍ନ ସମୟରେ ଶୁଣିବାକୁ ମିଳୁଛି। କିନ୍ତୁ ଏଠାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବାକୁ ପଡୁଛି। ଡେପୁଟେଶନରେ ଡାକ୍ତର ଆଣିବା ଅପେକ୍ଷା ଜିଲା ଖଣିଜ ପାଣ୍ଠିକୁ ବିନିଯୋଗ କରି ଡାକ୍ତର ନିଯୁକ୍ତି କରାଗଲେ ସମସ୍ୟା ହୁଅନ୍ତା ନାହିଁ।

**-ସଙ୍ଗୀତା ମହାନ୍ତି, ଅନୁଗୋଳ**

### ଅଯଥା ଖର୍ଚ୍ଚାନ୍ତରେ ପଡୁଛନ୍ତି



ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ପାଇଁ ଯନ୍ତ୍ରାଂଶ ଉପଲବ୍ଧ ରହିଛି। କିନ୍ତୁ ରୋଗୀମାନେ ନିଃଶୁଳ୍କ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଠିକଣା ପଦକ୍ଷେପ ନେଉ ନ ଥିବାରୁ ଘରୋଇ ମେଡିକାଲକୁ ଯାଇ ରୋଗୀମାନେ ଅଯଥାରେ ଖର୍ଚ୍ଚାନ୍ତରେ ପଡୁଛନ୍ତି।

**-ପ୍ରତାପ ମହାପାତ୍ର, ଅନୁଗୋଳ**

### ଗୁରୁବାରରୁ ଶନିବାର ମିଳିବ ସେବା



ଡାକ୍ତର ଅଭାବରୁ ଅଲଟ୍ରାସାଉଣ୍ଡ ବନ୍ଦ ରହିଥିଲା। ଏବେ ଛେଣ୍ଡିପଦାରୁ ଜଣେ ଡାକ୍ତରଙ୍କୁ ଡେପୁଟେଶନ୍‌ରେ ଅଣାଯାଇଛି। ତେଣୁ ପ୍ରତି ଗୁରୁବାର, ଶୁକ୍ରବାର ଓ ଶନିବାର ରୋଗୀଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଗୁରୁବାର ୧୧ ଜଣ ଓ ଶୁକ୍ରବାର ୧୨ ଜଣ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଇଛି।

**-ବିଶ୍ୱ ବିହାରୀ ମହାନ୍ତି, ଏଡିଏମ୍ଓ (ମେଡିକାଲ)**

## ନକଲି ସୁନା ଦେଇ ୫ ଲକ୍ଷ ଠକେଇ

**ଅନୁଗୋଳ ଅଫିସ, ୬।୧୧**

ଅନୁଗୋଳ ସହରରେ ଶୁକ୍ରବାର ଅପରାହ୍ନରେ ଏକ ବଡ ଧରଣର ଠକେଇ ହୋଇଛି। ଜଣେ ସୁନା ବ୍ୟବସାୟୀ ନକଲି ସୁନା ଦେଇ ପ୍ରାୟ ୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲା କଳମଛୁଇଁର ଜଣେ ଯୁବକ ଏହି ଠକେଇର ଶିକାର ହୋଇଛନ୍ତି। ସୂଚନା ମୁତାବକ, କଳମଛୁଇଁର ୨ ବନ୍ଧୁ ଜଣେ ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ଟଙ୍କାରେ ୧୫ ଭରି ସୁନା କିଣିବାକୁ ଅନୁଗୋଳ ସହରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁନା କିଣାବିକା ପାଇଁ ମଧ୍ୟସ୍ଥତା କରୁଥିଲେ। ବିଜୁ ମଇଦାନଠାରେ ବ୍ୟବସାୟୀ ଜଣକ ପହଞ୍ଚିବା ପରେ ଯୁବକ ଜଣକ ସୁନା ରଖିବା ସହ ମଧ୍ୟସ୍ଥତା କରୁଥିବା ବନ୍ଧୁଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ। ସୁନା ନ ପରଖିବା ପର୍ଯ୍ୟନ୍ତ ଟଙ୍କା ନ ଦେବାକୁ ସମ୍ପୃକ୍ତ ଯୁବକ ତାଙ୍କ ବନ୍ଧୁଙ୍କୁ କହିଥିଲେ। ପରେ ଏକ ଦୋକାନକୁ ସୁନା ଯାଞ୍ଚ କରିବାକୁ ଯୁବକ ଜଣକ ଯାଇଥିଲେ। ସେଠାରେ ଉକ୍ତ ସୁନା ନକଲି ବୋଲି ଜାଣିବାକୁ ପାଇଥିଲେ। ସେହି ସମୟ ମଧ୍ୟରେ ବ୍ୟବସାୟୀ ଜଣକ ଯୁବକଙ୍କ ବନ୍ଧୁଙ୍କଠାରୁ ଟଙ୍କା ଛଡାଇ ଚମ୍ପଟ ମାରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଠକାମୀର ଶିକାର ହୋଇଥିବା ଯୁବକଙ୍କ ବନ୍ଧୁ ତଥା ମଧ୍ୟସ୍ଥିକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୁନା ବ୍ୟବସାୟୀ ଜଣକ ଆନ୍ଧ୍ର ପ୍ରଦେଶ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## ୨ ଭାଇଙ୍କୁ ହତ୍ୟା ମାମଲାରେ ଜଣେ ଗିରଫ



ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ହାଜର କରାଇଛି।

**ଅନୁଗୋଳ ଅଫିସ, ୬।୧୧**

ଜମି ବିବାଦକୁ ନେଇ ଅନୁଗୋଳ ଥାନା ରନ୍ତଲେଇରେ ଗତ ବୁଧବାର ୨ ଭାଇ ଦୁଷ୍ମନ୍ତ ସେନାପତି ଓ ଦୁଃଶାସନ ସେନାପତିଙ୍କୁ ସେମାନଙ୍କ ସମ୍ପର୍କୀୟ ଭାଇ ଆକ୍ରମଣ କରି ହତ୍ୟା କରିବା ମାମଲାରେ ପୋଲିସକୁ ସଫଳତା ମିଳିଛି। ମୃତ ଦୁଃଶାସନ ସେନାପତିଙ୍କ ପୁଅ ରାକେଶଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସୁଜନ ସେନାପତି(୨୮)କୁ ଗିରଫ କରିଛି। ସୁଜନ ବନ୍ତଳାର ପାତଳି ଜଙ୍ଗଲରେ ଲୁଚି ରହିଥିବା ଖବରପାଇ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। ହତ୍ୟାରେ ବ୍ୟବହୃତ ବନ୍ଧୁକ ଡେରଜାଙ୍ଗ ଡ୍ୟାମ୍‌ରେ ସୁଜନ ଲୁଚାଇ ରଖିଥିବାବେଳେ ପୋଲିସ ତାହାକୁ ଜବତ କରିଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ଭୁଜାଲି ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତ ସନ୍ତୋଷ ସେନାପତି ଏବେ ବି ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ରେଙ୍ଗାଳି ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଡାକ୍ତର ନିଯୁକ୍ତ

**କଣିହାଁ, ୬।୧୧(ଡି.ଏନ.ଏ.)**

ଦୀର୍ଘଦିନରୁ ଡାକ୍ତର ଶୂନ୍ୟ ଥିବା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପ୍ରୋଜେକ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୨ ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ଉଦ୍ୟମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର ସହ ପ୍ରାୟ ୧ ଲକ୍ଷ ଟଙ୍କାର ଚିକିତ୍ସା ସାମଗ୍ରୀ ପ୍ରଦାନ କରାଯାଇଛି। ଜିଲା ଖଣିଜ ପାଣ୍ଠି ଅନୁଦାନରେ ଡାକ୍ତର ସୌରଭ ସୁରେଶ୍ୱର ସାହୁ ଏବଂ ଡାକ୍ତର ଅମ୍ରିତା ଜେନାଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକ ପାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଶଶୀ ଶେଖର ସିଂ, ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଗଗନ ରାଉତ, ଅନୁକୂଳ ସେଠୀ, ଈଶ୍ୱର ସାହୁ, ରଶ୍ମିତା ସେଠ ପ୍ରମୁଖ ସହଯୋଗ କରିଥିଲେ।

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବ୍ୟବସାୟୀ

**ଅନୁଗୋଳ ଅଫିସ, ୬।୧୧**

**ଆଜିଠାରୁ ପୁଣି ଉଚ୍ଛେଦ**

ଅନୁଗୋଳ ସହରରୁ ପୁଣି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହେବ। ଏ ନେଇ ପୌରପ୍ରଶାସନ ପକ୍ଷରୁ ଶୁକ୍ରବାର ସହରରେ ପ୍ରଚାର କରାଯାଇଛି। ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ଶର୍ମିଳିପଡ଼ା ପର୍ଯ୍ୟନ୍ତ ଜବରଦଖଲରେ ଥିବା ଦୋକାନକୁ ଉଚ୍ଛେଦ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ତେବେ ଏହା ପୂର୍ବରୁ ଅମଲାପଡ଼ାରେ ଆମିଷ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି ଯେ, ୨୦ ବର୍ଷ ହେଲା ସେମାନେ ଉକ୍ତ ଅଞ୍ଚଳରେ ବ୍ୟବସାୟ କରୁଛନ୍ତି। କିନ୍ତୁ ହଠାତ୍ ପୌରପାଳିକା ପକ୍ଷରୁ ଦୋକାନକୁ ଉଚ୍ଛେଦ କରିବାକୁ ଘୋଷଣା କରାଯାଇଛି। ପ୍ରଥମେ ଥଇଥାନ କରି ଉଚ୍ଛେଦ ପ୍ରକ୍ରିୟା କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହର ସୌନ୍ଦର୍ଯ୍ୟକରଣ ପାଇଁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯିବ। ଏ ନେଇ ବ୍ୟବସାୟୀଙ୍କୁ ଅବଗତ କରାଯାଇଛି।



ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବ୍ୟବସାୟୀ।

# ହାତୀ କରୁଛନ୍ତି ହନ୍ତସନ୍ତ

**ଭାପୁର, ୬।୧୧(ଡି.ଏନ.ଏ.)**

ଜଙ୍ଗଲ ଛାଡ଼ି ଜନବସତି ଆଡ଼କୁ ମୁହାଁଇଛନ୍ତି ହାତୀ। ଚାଷ ଜମିରେ ଗଜ ଉପଦ୍ରବ ରାତିକ ଭିତରେ ଚାଷୀଙ୍କ ବର୍ଷକର ଆଶାକୁ ଧୂଳିସାତ୍ କରିଦେଉଛି। ଆଖି ଆଗରେ ସୁନାର ଫସଲ ଉଜୁଡ଼ି ଯାଉଥିବାବେଳେ ବିଲ ହୁଡ଼ାରେ ନିରୁପାୟ ହୋଇ ଚାହିଁ ରହିବା ଛଡ଼ା ଅନ୍ୟ କିଛି ପନ୍ଥା ନାହିଁ। କରୋନା ମାଡ଼ରେ ଶୋଚନୀୟ ହୋଇପଡ଼ିଥିବା ଆର୍ଥିକସ୍ଥିତି ସୁଧାରିବାକୁ ଚାଷକୁ ମାଧ୍ୟମ କରିଥିଲେ ଚାଷୀ। ଧାରକରଜ କରି ସବୁ ସମ୍ବଳ ଲଗାଇଥିଲେ ଫସଲରେ। ହେଲେ ହାତୀଙ୍କ ଉତ୍ପାତ ସେମାନଙ୍କ ମୁଣ୍ଡରେ ଚଡ଼କ ପକାଇଛି।

ଢେଙ୍କାନାଳ ସଦର ବନଖଣ୍ଡ ଅଧୀନ ଭାପୁର ବନାଞ୍ଚଳ ବଣୁଆ ହାତୀଙ୍କ ନୂଆ ଠିକଣା ପାଲଟିଛି। ୧୦ବର୍ଷ ତଳେ ଏହି ଅଞ୍ଚଳ ହାତୀମୁକ୍ତ ଥିଲା। ଥରେ ଅଧେ ଅଞ୍ଚଳକୁ ପଶି ଆସୁଥିବା ହାତୀପଲ ଦିନେ ଦୁଇଦିନ ଭିତରେ ନିଜର ଆବାସସ୍ଥଳୀକୁ ଫେରିଯାଉଥିଲେ। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। ଅଞ୍ଚଳର ବିସ୍ତୀର୍ଣ୍ଣ ଆମ୍ବ, କାଜୁ ତୋଟା, ସଂରକ୍ଷିତ ଜଙ୍ଗଲର ନିରାପଦ ଆଶ୍ରୟ ଏବଂ ଶୀତ ଦିନେ ଅଞ୍ଚଳରେ ହେଉଥିବା ପ୍ରଚୁର ଧାନ ଫସଲ ହାତୀଙ୍କୁ ଆକୃଷ୍ଟ କରୁଛି। ଫଳରେ ଦୀର୍ଘଦିନ ହେଲା ଅଞ୍ଚଳରେ ୧୨ରୁ ୧୪ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି।

ଛଡେଶ ଅଞ୍ଚଳର ଚନ୍ଦ୍ରଶେଖରପ୍ରସାଦ, କାଳିକାପ୍ରସାଦ ମୌଜାର ଅର୍ଦ୍ଧେକ ସୀମା ମାଟିଆମୁଣ୍ଡିଆ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଛି। କଟକ ଜିଲା ବଡ଼ମ୍ବା ବନଖଣ୍ଡ ସୀମାବର୍ତ୍ତୀ ହୋଇଥିବାରୁ ଅବାଧରେ ଏହି ଦୁଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ହାତୀପଲ ବିଚରଣ କରୁଛନ୍ତି। ଫଳରେ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଚାଷଜମି ସେମାନଙ୍କ ଉପଦ୍ରବର ପେଣ୍ଠସ୍ଥଳୀ ପାଲଟିଛି। ଏବେ ଧାନରୁ କେଣ୍ଡା ବାହାରୁଥିବାବେଳେ ହାତୀ ଫସଲ ଖାଇଯିବା ଚାଷୀଙ୍କୁ ବେଶି ବାଧୁଛି। ଗୋବିନ୍ଦପ୍ରସାଦ, ବିନ୍ଧୋଳ, ଭାଗୀରଥିପୁର, କଳାଙ୍ଗ, କୋଉମ, କୋଟବେରେଣା, କରଡ଼ାମଡ଼ା, ମହୁଲପୁଞ୍ଜି ଅଞ୍ଚଳର ଚାଷୀ ଶୀତକାକରରେ ରାତି ଅନିଦ୍ରା ରହିବା ସତ୍ତ୍ୱେ ଫସଲକୁ ସୁରକ୍ଷା ଦେଇପାରୁନାହାନ୍ତି। ସେହିପରି ଭାପୁର-ଢେଙ୍କାନାଳ ରାସ୍ତା, ଘିଟିପିରି, କଳାଙ୍ଗ, ଭାପୁର, ଚନ୍ଦ୍ରଶେଖରପ୍ରସାଦ, ମହୁଲପୁଞ୍ଜି, ଟେଶୁଆ ଗ୍ରାମାଞ୍ଚଳ ରାସ୍ତା ହାତୀଙ୍କ ଚଲାପଥ ପାଲଟିଛି। ଫଳରେ ସଞ୍ଜ ନଇଁଲେ ଯାତାୟାତ ଠପ୍ ହୋଇଯାଉଛି। ଜରୁରୀ କାମରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଥିବାବେଳେ ବନ ବିଭାଗ ସହଯୋଗ ନ କରିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି।

ଏ ସମ୍ପର୍କରେ ସଦର ରେଞ୍ଜର ଧରିତ୍ରୀ ମୁର୍ମୁ କୁହନ୍ତି, ଭାପୁର ବନାଞ୍ଚଳ ଅନ୍ତର୍ଗତ ଓଡ଼ାପଡ଼ାର ତାମଣ୍ଡା ଏବଂ ଇନ୍ଦିପୁର ଅଧିକ ଦୂରରେ ଅବସ୍ଥିତ। ଫଳରେ ପୃଥକ ଅଞ୍ଚଳରେ ଏକା ସଙ୍ଗରେ ହାତୀ ଉପଦ୍ରବ କଲେ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ତଥାପି ହାତୀଙ୍କୁ ଘଉଡ଼ାଇବାକୁ ରାତ୍ରକାଳୀନ ପାଟ୍ରୋଲିଂ କରାଯାଉଛି। ହାତୀ ସ୍କ୍ୱାଡ୍ ବୁଲୁଛନ୍ତି। ସ୍ଥିତି ନିୟନ୍ତ୍ରଣରେ ରହିଛି। ଫସଲ କ୍ଷତିପୂରଣ ରାଶି ସପ୍ତାହକ ମଧ୍ୟରେ ପ୍ରଦାନ କରାଯାଉଛି। ଅଧିକ ସମସ୍ୟା ହେଲେ ରେଞ୍ଜ୍ ଅଫିସରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଚାଷୀଙ୍କୁ ସତର୍କ ରହିବା, ହାତୀଙ୍କ ବିଚରଣ ଉପରେ ନଜର ରଖିବା ଏବଂ ବନ ବିଭାଗକୁ ଅବଗତ କରିବା ଲାଗି ପରାମର୍ଶ ଦିଆଯାଉଛି।



ହାତୀ ଉପଦ୍ରବରେ ନଷ୍ଟ ହୋଇଥିବା ଫସଲ।

- ଭାପୁର ବନାଞ୍ଚଳ ପାଲଟିଛି ନୂଆ ଠିକଣା
- ରାତିକରେ ଉଜାଡ଼ି ଦେଉଛନ୍ତି ଧାନ ଚାଷ
- କ୍ଷତିଗ୍ରସ୍ତ ହେଉଛି ଆମ୍ବ, କାଜୁ ବଗିଚା
- ଶୋଚନୀୟ ହେଲାଣି ଚାଷୀଙ୍କ ଆର୍ଥିକ ସ୍ଥିତି

### ସହାୟତାକୁ ଅପେକ୍ଷା



୪ମାସ ହେଲା ପରିଶ୍ରମ କରି ୧ ଏକର ଜମିରେ ଧାନ ଚାଷ କରିଥିଲି। ଧାନରୁ କେଣ୍ଡା ବାହାରିବା ସମୟ ହୋଇଥିବାରୁ ମାସେ ହେଲା ରାତି ଅନିଦ୍ରା ହୋଇ ଫସଲ ସୁରକ୍ଷା କରି ଆସୁଥିଲି। ହେଲେ ରାତିକରେ ହାତୀପଲ ସବୁ ଉଜାଡ଼ି ଦେଲେ। ଏବେ ନିରୁପାୟ ହୋଇ ସହାୟତାକୁ ଅପେକ୍ଷା କରିଛି।

**-ଲୋଚନ ନାଏକ, ଟେଶୁଆ**

### କମିଲାଣି ଅଧା ଅମଳ



ହାତୀପଲ ବ୍ୟାପକ ଧାନ ଫସଲ କ୍ଷତି କରୁଛନ୍ତି। ସେମାନଙ୍କ ନଜରରୁ କାଜୁ ଏବଂ ଆମ୍ବ ବଗିଚା ମଧ୍ୟ ବର୍ତ୍ତୁନି। ଆମ୍ବ ବଗିଚାରେ ଦିନ ତମାମ ଡେରା ପକାଉଥିବା ହାତୀ ଦଳବଦ୍ଧ ହୋଇ ରାତିରେ ଧାନ ଜମିରେ ପ୍ରବେଶ କରୁଛନ୍ତି। ଫଳରେ ଶ୍ରମିକ କାମ କରିବାକୁ ଡରୁଛନ୍ତି। ଗତ ୨ବର୍ଷ ହେଲା କାଜୁ ଏବଂ ଆମ୍ବ ଅମଳ ଅଧା କମିଗଲାଣି।

**-ଅରୁଣ ପଣ୍ଡା, ଓସ୍ତପାଳ**

### ସନ୍ଧ୍ୟା ପରେ ଜରୁରୀ ସେବା ବନ୍ଦ



ଗ୍ରାମାଞ୍ଚଳର ବ୍ୟସ୍ତବହୁଳ ରାସ୍ତା ହାତୀଙ୍କ ଚଲାପଥ ପାଲଟିଛି। ସନ୍ଧ୍ୟା ଗଡ଼ିଲେ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଯାତାୟାତ ସମେତ ଅନ୍ୟ ଜରୁରିକାଳୀନ ସେବା ବନ୍ଦ ହୋଇଯାଉଛି। ଜଙ୍ଗଲ ଛାଡ଼ି ଜନବସତି ଆଡ଼କୁ ହାତୀଙ୍କ ଆଗମନ ଆଗାମୀ ଦିନରେ ଅଧିକ ସମସ୍ୟା ସୃଷ୍ଟି କରିବ।

**-ବ୍ରହ୍ମାନନ୍ଦ ନାୟକ, କରଡ଼ାମଡ଼ା**

## ଇନ୍ଦିରା ଆବାସ ହିତାଧିକାରୀଙ୍କ ଧାରଣା

**ଆଠମଲ୍ଲିକ, ୬।୧୧(ଡି.ଏନ.ଏ.)**

ଇନ୍ଦିରା ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଥିବା ଆଠମଲ୍ଲିକ ବ୍ଲକ କମ୍ପଲା ଗ୍ରାମର ହିତାଧିକାରୀମାନେ ଶୁକ୍ରବାର ଉପଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦେଇଛନ୍ତି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମର ପୀତାମ୍ବର ବାରିକ, ନଳିନୀ ମାଝି, ନିରଞ୍ଜନ ମହାକୁଡ଼, ବୃଷଭ ସାହୁ, ଗଦାଧର ସାହୁ, ଚିତ୍ତରଞ୍ଜନ ମାଝି, ବୁଡ଼ି ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ନାମ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷ ଇନ୍ଦିରା ଆବାସ ତାଲିକାରେ ଥିଲା। ଏପରିକି ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ମଧ୍ୟ ନାମ ଲେଖାଯାଇଥିଲା । କ୍ରମିକ ନମ୍ବର ଅନୁଯାୟୀ ସେମାନଙ୍କୁ ଆବାସ ବଣ୍ଟନ ନ କରି ତାଲିକାର ତଳେ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ ପରେ ଆବାସ ଯୋଗାଯାଇଛି। ଏହାର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଘର ଯୋଗାଯିବାକୁ ଦାବି ହୋଇଛି। ଆଠମଲ୍ଲିକ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲମ୍ବୋଦର ମାର୍ଣ୍ଡି ଦାବିପତ୍ର ଗ୍ରହଣ କରିଛନ୍ତି। ଦାବି ପୂରଣ ନ ହେଲେ ଅନଶନ କରାଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି।

